# ୧୪ ବର୍ଷରୁ କମ୍ ପିଲାମାନଂକୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ନ କରିବାକୁ ନେଇ ବାହାରିଲା ସଚେତନତା ରଥ ।

୧୪ ବର୍ଷ ପୂର୍ଣ୍ଣ କରି ନଥିବା ଶିଶୁଙ୍କୁ ନିଯୁକ୍ତି ଦେବା ଅପରାଧ ଅଟେ । ସେମାନଂକୁ କୌଣସି ପ୍ରକାର ବୃତ୍ତି ଏବଂ ପ୍ରକ୍ରିୟାରେ ତଥା ୧୫ ବର୍ଷରୁ ୧୮ ବର୍ଷ ବୟସର କିଶୋରଙ୍କୁ ବିପଦ ସଙ୍କୁଳ ବୃତ୍ତି ଏବଂ ପ୍ରକ୍ରିୟାରେ ନିୟୋଜନ କରିବା ଏକ ଧର୍ତ୍ତବ୍ୟ ଅପରାଧ ଅଟେ । ଏହିଭଳି ନିୟୋଜନ କରିଥୁବା ବ୍ୟକ୍ତିଂକୁ ୨ ବର୍ଷ କାରାଦଣ୍ଡ ଓ ୫୦ ହଜାର ଟଂକା ପର୍ଯ୍ୟନ୍ତ ଜୋରିମନା ଦେବାକୁପଡିବ । ଏହି ଭୁଲର ପୁନରାବୃତ୍ତି ହେଲେ ୩ ବର୍ଷ କାରାଦଣ୍ଡ ଭୋଗିବାକୁ ପଡିବ । ସରକାର ଶିଶୁ ଶ୍ରମ ମୁକ୍ତ ଓଡିଶା ଗଠନ ନିମନ୍ତେ ଶିଶୁ ଶ୍ରମିକ ଭାବେ କାମରେ ନିୟୋଜିତ କରାଉଥିବା ବ୍ୟକ୍ତିମାନଂକୁ କଡା ଶାସ୍ତି ବିଧାନ ସ୍ଥିର କରିଛନ୍ତି । ଏହି ଅବସରରେ ଜନସାଧାରଣଂକ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବାହାରି ଥିବା ଏକ ରଥକୁ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଉଦଘାଟନ କରିବା ସହ ସଚେତନତା ବାର୍ତ୍ତା କିପରି ପ୍ରତ୍ୟେକ ଲୋକଂକ ପାଖରେ ପହଂଚିବ ସେଥିପାଇଁ ବିଭାଗୀୟ ଅଧିକାରୀ ଏହି ରଥକୁ ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ପରିକ୍ରମା କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲା ଶ୍ରମ ଅଧିକାରିଣୀ ଇତିଶ୍ରୀ ଗାଇଗରିଆଙ୍କ ସମେତ ସ୍ୱେଚ୍ଛାସେବୀ ଓ ବିଭିନ୍ନ ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

